

text of the time..

# ଜୋନାଥନ୍‌ର ଡେଣା



ଶୈଳେନ୍ଦ୍ର ଦ୍ୱିବେଦୀ



# କାଫ୍‌କା ଓ କର୍କଟକ୍ରାନ୍ତି

କେଇଦିନ ତଳେ ବାଂଲାଦେଶରେ ଥିବାବେଳେ ଖବର ପାଇଥିଲି ଯେ ବନ୍ଧୁ ସାରଦା ପ୍ରସାଦ ମିଶ୍ରଙ୍କୁ ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଛି ଗଳ୍ପ ପାଇଁ । ଫୋନରେ ଅଧିକ ସମୟ କଥା ହେବା ସମ୍ଭବ ନଥିଲା । ଭୁବନେଶ୍ୱରରେ ପହଞ୍ଚିବା ପରେ ତାଙ୍କୁ ପ୍ରଥମେ ଫୋନ୍ କରିଥିଲି । ଉତ୍ତର ମିଳିଲା ଯେ କ୍ୟାନ୍‌ସର୍ ଚେକ୍‌ଅପ୍ ପାଇଁ ସେ ମୁମ୍ବାଇ ବାହାରିଛନ୍ତି । ତିନିବର୍ଷ ଭିତରେ କ୍ୟାନ୍‌ସର ପାଇଁ ତାଙ୍କର ଦୁଇଥର ଅସ୍ତ୍ରୋପଚାର ସରିଛି ଏବଂ ବୋଧହୁଏ ତୃତୀୟ ଥର ପାଇଁ ପ୍ରସ୍ତୁତି ଚାଲିଛି । ୨୦୧୨ ଡିସେମ୍ବରରେ ଯେତେବେଳେ ପ୍ରଥମଥର ପାଇଁ ଆମେ ଜାଣିଲୁ ଯେ ସାରଦାଙ୍କୁ କ୍ୟାନ୍‌ସର୍, ସେତେବେଳେ ସିଦ୍ଧାର୍ଥ ମୁଖାର୍ଜୀଙ୍କ ପୁଲିଜର ପୁରସ୍କାର ପ୍ରାପ୍ତ ପ୍ରସିଦ୍ଧ 'ଦି ଏମ୍ପରର୍ ଅଫ୍ ମାଲାଡିଜ୍' ସଂଯୋଗକୁ ମୁଁ ପଢ଼ିବା ଆରମ୍ଭ କରିଥିଲି । ଅଣଗଳ୍ପ ବର୍ଗରେ ପୁରସ୍କାର ପାଇଥିବା ସିଦ୍ଧାର୍ଥଙ୍କ ଏଇ ବେଶ୍ ମୋଟା ବହି କ୍ୟାନ୍‌ସର୍ ସମ୍ବନ୍ଧରେ ଏକ ଚମତ୍କାର ଗ୍ରନ୍ଥ । ଅନ୍ୟୂନ ୪,୬୦୦ବର୍ଷର ଇତିହାସ, କ୍ୟାନ୍‌ସରକୁ ନେଇ ନୂଆ ଗବେଷଣା, ରୋଗୀଙ୍କ ଅନୁଭୂତି, ସମସ୍ତ ଚେଷ୍ଟା ଉପରାନ୍ତ ରୋଗର ଏଇ କୁଖ୍ୟାତ ସମ୍ରାଟଙ୍କ ନିରନ୍ତର ବିସ୍ତାରିତ ହେଉଥିବା ସାମ୍ରାଜ୍ୟ; କ୍ୟାନ୍‌ସରକୁ ନେଇ ସଚେତନତାର ଅଭାବ, ଅର୍ଥନୈତିକ ବୋଝ ଏବଂ ଏସବୁ ଭିତରେ କ୍ୟାନ୍‌ସର୍ ସହିତ ଯୁଝି ବାଜିମାତ୍ କରୁଥିବା ଦୁଃସାହସିକ ମଣିଷମାନଙ୍କର କାହାଣୀ ଏଇ ବହି ।

ଡିସେମ୍ବର ୨୮,୨୦୧୨ରେ ପ୍ରଥମଥର ପାଇଁ ଅପରେସନ୍ ହୋଇଥିଲା ସାରଦାର । ମୁମ୍ବାଇରେ ଡି.ୱାଇ.ପାଟିଲ୍ ହସ୍‌ପିଟାଲ୍‌ରେ । ଯେଉଁ ଡାକ୍ତର ଅସ୍ତ୍ରୋପଚାର କରିଥିଲେ ତାଙ୍କର ଅଭିଜ୍ଞତା ଯଥେଷ୍ଟ ଥିଲା । ତେବେ କୌଣସି ଅଜ୍ଞାତ କାରଣରୁ ମୁଖଗହ୍ୱର କ୍ୟାନସର୍ ଅପରେସନ୍ ପରେ ପ୍ଲାଷ୍ଟିକ୍ ସର୍ଜରୀର ଆବଶ୍ୟକତା ନାହିଁ

ବୋଲି ସେ ଦର୍ଶାଇଥିଲେ । ରେଡିଏସନ୍ ଏବଂ କେମୋଥେରାପି ସବୁ ସରିବା ପରେ ପ୍ରାୟ ସ୍ୱାଭାବିକ ହେବା ପାଇଁ ସାରଦାକୁ ୫-୬ ମାସ ସମୟ ଲାଗିଥିଲା । ଆମେ ସମସ୍ତେ ଭାବିଥିଲୁ ଯେ ସେ ଭଲ ହୋଇସାରିଛି । ଶୁଣିଥିଲୁ ଯେ ଆଗ ଅପେକ୍ଷା ସେ ଅଧିକ ଗଳ୍ପ/କବିତା ଲେଖୁଥିଲା ଏବଂ ଭଲ ବି ଲେଖୁଥିଲା । ସିଦ୍ଧାର୍ଥ ତାଙ୍କ ବହିରେ ଲେଖିଛନ୍ତି କ୍ୟାନ୍‌ସର୍ ସହିତ ଲଢୁଥିବା ମଣିଷମାନେ କ୍ୟାନ୍‌ସରର ଇତିହାସ ସହିତ ସମକାଳୀନ । ହିପୋକ୍ରେଟସ୍ ବିଭିନ୍ନ ପ୍ରକାରର କ୍ୟାନ୍‌ସର୍ କଥା ଉଠେଇଛନ୍ତି । ଗ୍ରୀକ୍ ଶବ୍ଦ 'କାର୍କିନସ'ରୁ ଆସିଛି 'କ୍ୟାନ୍‌ସର୍' ଯାହାର ଅର୍ଥ କଙ୍କଡା । କୁହାଯାଏ ଯେ ଦେହର କୌଣସି ଏକ ଅଙ୍ଗରେ (ବାହ୍ୟ) ହୋଇଥିବା ଟ୍ୟୁମର ଅସ୍ତ୍ରୋପଚାର ପରେ କ୍ଷତର ଚାରିପଟେ ଦେଖାଯାଉଥିବା ରକ୍ତବାହୀ ଶିରାପ୍ରଶିରା ଅବିକଳ କଙ୍କଡାର ଗୋଡ ପରି ଦେଖାଯାନ୍ତି ଏବଂ ସେଇଥିପାଇଁ ରୋଗର ନାମକରଣ ଏମିତି ହୋଇଥାଇପାରେ । ବର୍ଷବର୍ଷ ଧରି କ୍ୟାନ୍‌ସରକୁ ଜାଣିବା ପାଇଁ ଗବେଷଣା ଅବ୍ୟାହତ ରହିଛି; ଉନ୍ନତ ଚିକିତ୍ସା ଯୋଗୁଁ ରୋଗୀ ଅଧିକ ବର୍ଷ ବଞ୍ଚୁଛନ୍ତି- ତେବେ ଇପ୍‌ସିତ ଅଗ୍ରଗତି ତଥାପି ଦୂରନ୍ତ ହୋଇରହିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ୨୦୧୪ରେ ପ୍ରକାଶିତ ଏକ ରିପୋର୍ଟ ମୁତାବକ ୨୦୧୨ରେ କ୍ୟାନ୍‌ସର ଜଡିତ ମୃତ୍ୟୁ ସଂଖ୍ୟା ୮.୨ ନିୟୁତକୁ ଛୁଇଁଥିଲା । ପ୍ରତ୍ୟେକ ବର୍ଷ ଚିହ୍ନଟ ହେଉଛନ୍ତି ପ୍ରାୟ ୧୪ ନିୟୁତ ନୂଆ ରୋଗୀ । କେବଳ ଆଫ୍ରିକା, ଏସିଆ ଏବଂ ମଧ୍ୟ-ଆମେରିକା ସହିତ ସମ୍ପୃକ୍ତ ମୋଟ ନୂଆରୋଗୀଙ୍କ ସଂଖ୍ୟାର ୬୦ ପ୍ରତିଶତ ଏବଂ ସମୁଦାୟ କ୍ୟାନସର୍ ମୃତ୍ୟୁର ୭୦ ପ୍ରତିଶତ । ଆକଳନ ମୁତାବକ ନୂଆ ରୋଗୀ (କ୍ୟାନ୍‌ସର)ଙ୍କ ସଂଖ୍ୟା ଆସନ୍ତା ୨୦ ବର୍ଷ ଭିତରେ ୭୦ ପ୍ରତିଶତ ବୃଦ୍ଧି ପାଇବ । ଭାରତରେ ସ୍ଥିତି ଯଥେଷ୍ଟ ଉଦ୍‌ବେଗଜନକ । 'ଇଣ୍ଡିଆନ କାଉନ୍‌ସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ' ତଥ୍ୟ ଅନୁଯାୟୀ ଭାରତରେ ସର୍ବାଧିକ ମୃତ୍ୟୁ କ୍ୟାନ୍‌ସର୍ ଯୋଗୁଁ ଘଟୁଛି । ବର୍ଷକୁ ୫ ଲକ୍ଷ । ଦିନକୁ ପ୍ରାୟ ୧୩୦୦ । ଅନ୍ୟାନ୍ୟ ସୂତ୍ରରୁ ଜଣାପଡିଛି ଯେ ଦେଶରେ କ୍ୟାନ୍‌ସର୍ ମୃତ୍ୟୁ ସଂଖ୍ୟା ୭ ଲକ୍ଷରୁ କମ୍ ନୁହେଁ । ୨୦୧୨ ରୁ ୨୦୧୪ ଭିତରେ ଏହା ବୃଦ୍ଧି ପାଇଛି ୬ ପ୍ରତିଶତ । ସରକାରୀ ସ୍ତରରେ (ଦେଶରେ) ୯୫ ପ୍ରତିଶତ ମେଡିକାଲ କଲେଜରେ ଚିକିତ୍ସା ପାଇଁ ସ୍ୱତନ୍ତ୍ର ସୁବିଧାସୁଯୋଗ ନାହିଁ । ସଚେତନତାର ବି ଘୋର ଅଭାବ । ଉନ୍ନତ ରାଷ୍ଟ୍ରମାନଙ୍କରେ ସ୍ଥିତିରେ ସୁଧାର ଆସୁଥିଲେ ହେଁ ଆମ ଦେଶରେ ଥରେ କ୍ୟାନ୍‌ସର୍ ଚିହ୍ନଟ ହେବା ପରେ ୩୦

ପ୍ରତିଶତରୁ କମ୍ ରୋଗୀ ପାଞ୍ଚ ବର୍ଷରୁ ଅଧିକ ବଞ୍ଚୁଛନ୍ତି । ୧୯୯୦ ରୁ ୨୦୧୩ ଭିତରେ କେବଳ ମୁଖଗହ୍ୱର/ଗଳା କର୍କଟରୋଗୀଙ୍କ ସଂଖ୍ୟା ୫୫,୪୮୦ରୁ ବୃଦ୍ଧି ପାଇଥିଲା ୧,୨୭,୧୬୮କୁ ।

ପ୍ରଥମଥର ଅସ୍ତ୍ରୋପଚାର ପରେ ସାରଦା ସ୍କୁଟି ଚଲେଇ ଅଫିସ୍ ଯାଇଥିଲା ଏବଂ ସ୍ୱାଭାବିକ ହୋଇଆସୁଥିଲା । ଅସୁବିଧା ଥିଲା ତ କେବଳ ଖାଇବାରେ ବାରଣ । କଠିନ ଖାଦ୍ୟ ଖାଇବା ସମ୍ଭବ ନଥିଲା । ଠିକ୍ ଦୁଇବର୍ଷ ପରେ ସେଇ ଏକା ହସ୍‌ପିଟାଲ ଏବଂ ଏକା ଡାକ୍ତରଙ୍କ ଦ୍ୱାରା ପୁଣି ଥରେ ଅସ୍ତ୍ରୋପଚାର କରାଗଲା (୨୩/୧୨/୨୦୧୪) । ଅପରେସନ୍ ଏଥର ଜଟିଳ ଥିଲା । ତେବେ ଡାକ୍ତର ଆଶ୍ୱାସନା ଦେଇଥିଲେ ଯେ କ୍ୟାନ୍‌ସର ଆଉ ଲେଉଟିବାର ପ୍ରଶ୍ନ ନାହିଁ । ଦ୍ୱିତୀୟ ଥର ମଧ୍ୟ ପ୍ଲାଷ୍ଟିକ୍ ସର୍ଜରୀ କରାଗଲା ନାହିଁ । ଡାକ୍ତର କହିଥିଲେ, କିଛି ସମୟ ଲାଗିବ, କିନ୍ତୁ ମନକୁ ସବୁ ଠିକ୍ ହୋଇଯିବ ।

ସିଦ୍ଧାର୍ଥଙ୍କ ପୁସ୍ତକରେ ଉଲ୍ଲେଖ ଅଛି ଆଟୋସାଙ୍କ କାହାଣୀ । ଆଟୋସା ଦାରିୟସ୍‌ଙ୍କ ପତ୍ନୀ । ପର୍ସିଆର ରାଣୀ । ସାଇରସଙ୍କ କନ୍ୟା । ଖ୍ରୀଷ୍ଟପୂର୍ବ ୪୪୦ରେ ଯାହା ଆଟୋସା ତାଙ୍କ ଦେହରେ ଆବିଷ୍କାର କରିଥିଲେ ଏବଂ ଯାହାର ଚିକିତ୍ସା ପାଇଁ ତାଙ୍କର ଇସାରା ମାତ୍ରକେ ଚିକିତ୍ସକ ଜମା ହୋଇଯାଇଥାନ୍ତେ, ତାହା ସେ କରିନଥିଲେ । ନିଜ ସ୍ତନ କର୍କଟର ଅସ୍ତ୍ରୋପଚାର ପାଇଁ ନିଭୃତରେ ସେ ଆଦେଶ ଦେଇଥିଲେ ତାଙ୍କର ଜଣେ ଅନୁରକ୍ତ କ୍ରୀତଦାସଙ୍କୁ । କୁହାଯାଏ ଯେ ରାଣୀ ଏକାବେଳକେ ରୋଗମୁକ୍ତ ହୋଇନଥିଲେ, ମାତ୍ର କେଇବର୍ଷ ପର୍ଯ୍ୟନ୍ତ ତାଙ୍କ ଯନ୍ତ୍ରଣାର ଉପଶମ ହୋଇଥିଲା । ତାହାହିଁ ଥିଲା ପ୍ରାଚୀନ ପୃଥିବୀରେ ସମ୍ଭବତଃ ପ୍ରଥମ କ୍ୟାନ୍‌ସର ଅସ୍ତ୍ରୋପଚାର । ସିଦ୍ଧାର୍ଥ ଆହୁରି ମଧ୍ୟ ଲେଖିଛନ୍ତି ଯେ ମିଶରର ଚିକିତ୍ସକ ୪୬୦୦ବର୍ଷ ତଳେ ପ୍ରଥମଥର ପାଇଁ ଚିହ୍ନିଥିଲେ କର୍କଟକୁ । ମିଳିଥିବା ଏକ ପେପିରସ୍ ରୋଲ୍‌ରୁ ୪୮ଟି କ୍ୟାନ୍‌ସର ରୋଗୀଙ୍କ ଚମତ୍କାର ବୃତ୍ତାନ୍ତ ମିଳିଛି । ତେବେ ବିଧିବଦ୍ଧ ଭାବେ ଟ୍ୟୁମର (କ୍ୟାନ୍‌ସର) ଅସ୍ତ୍ରୋପଚାର ସମ୍ଭବ ହୋଇଥିଲା ଊନବିଂଶ ଶତାବ୍ଦୀ ଶେଷ ଭାଗରେ । 'ଆମେରିକାନ୍ ସୋସାଇଟି ଫର୍ ଦି କଣ୍ଟ୍ରୋଲ ଅଫ୍ କ୍ୟାନ୍‌ସର' ପ୍ରତିଷ୍ଠିତ ହେଲା ୧୯୧୩ରେ । ପରେପରେ ପର୍ଯ୍ୟାପ୍ତ ଗବେଷଣାର ମୂଳଦୁଆ ପଡୁଥିଲା, ଆରମ୍ଭ ହୋଇଗଲା ଦ୍ୱିତୀୟ ବିଶ୍ୱଯୁଦ୍ଧ । ପୁଣି ସବୁ ଫିକା ପଡିଗଲା । ରକ୍ତ କର୍କଟ ଚିକିତ୍ସା ପାଇଁ ବୋନ୍‌ମାରୋ ପ୍ରତିରୋପଣର ଆରମ୍ଭ ହୋଇଥିଲା ସେଇ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ । ତଥ୍ୟ ଅନୁଯାୟୀ

୧୯୭୧ ପରେ କେବଳ ଯୁକ୍ତରାଷ୍ଟ୍ର ଆମେରିକାରେ ୨୫୦ ବିଲିୟନ୍ ଡଲାରରୁ ଅଧିକ ଖର୍ଚ୍ଚ ହେଉଛି କ୍ୟାନ୍ସର ଗବେଷଣାରେ । ତଥାପି ଆଖିଦୃଶିଆ ସୁଧାର ଆସିନାହିଁ । ୨୦୧୫ରେ ଯୁକ୍ତରାଷ୍ଟ୍ରରେ ଚିହ୍ନଟ ହେବେ ୧୬,୫୮,୩୭୦ ନୂଆ କର୍କଟ ରୋଗୀ ଏବଂ ଆକଳନ ମୁତାବକ ସେଥିରୁ ୫,୮୯,୪୩୦ ମୃତ୍ୟୁମୁଖରେ ପଡିବେ । ଭାରତରେ ୧୯୯୦ ରୁ ୨୦୧୩ ଭିତରେ ପ୍ରୋଷ୍ଟେଟ୍ ଏବଂ ସ୍ତନ କ୍ୟାନ୍ସର ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇଛି ଯଥାକ୍ରମେ ୨୨୦ ଏବଂ ୧୬୬ ପ୍ରତିଶତ । ପାଠକେ, କ୍ୟାନ୍ସରଜନିତ ମୃତ୍ୟୁର ମାନବିକ ଦିଗ ଯେତିକି ଭୟାବହ, ଅର୍ଥନୈତିକ ଦିଗ ବି ସମାନ ଭୟଙ୍କର । ଅସ୍ତ୍ରୋପଚାର, କେମୋଥେରାପି ଏବଂ ରେଡିଏସନ୍ ସହିତ ଏବେ ଗୁରୁତ୍ୱ ଆରୋପ କରାଯାଉଛି ରୋଗୀର ଆବାସିକ ସେବାଯତ୍ନ ଉପରେ ଯାହା ମାନସିକ ଯନ୍ତ୍ରଣାର ଉପଶମ କରାଇବ । ଦୁର୍ଭାଗ୍ୟ ହେଉଛି, ଭାରତରେ ଏମିତି ସେବା ଶୁଶ୍ରୂଷାର ଘୋର ଅଭାବ ଦେଖାଦେଇଛି । ସକଳ ଅନିଶ୍ଚିତତା ଘେରରେ ଜୀବନକୁ 'ହଁ' କୁହାଯାଇପାରିବ, ଏକଥା ବୁଝିବା ପାଇଁ ନାଗରିକ ସମାଜ ପ୍ରସ୍ତୁତ ନୁହେଁ । କ୍ୟାନ୍ସର ଚିକିତ୍ସା ନିମନ୍ତେ ବିକଳ୍ପ/ଅନୁପୂରକ ବ୍ୟବସ୍ଥାର ଅଧ୍ୟୟନ ଉପରେ ଯଥେଷ୍ଟ ଗୁରୁତ୍ୱ ଆମେ ଏଯାଏ ଦେଇନାହୁଁ ।

ଦୁଇଦିନ ତଳେ ସାରଦା କଥା ହୋଇଥିଲା ମୁମ୍ବାଇରୁ (ଟାଟା ମେମୋରିଆଲ୍) । କହିଲା, ଗୁଡାଏ ପରୀକ୍ଷା ସରିଲାଣି । ଆହୁରି କିଛି ବାକି ଅଛି । ସବୁ ରିପୋର୍ଟ ଆସିବା ପରେ ଡାକ୍ତରମାନେ ଯାହା ସ୍ଥିର କରିବେ- ତୃତୀୟ ଥର ପାଇଁ ଅପରେସନ୍ ହେବ ନା ନାହିଁ । ସେ ପୁଣି କହିଲା, ଯନ୍ତ୍ରଣାକୁ ସହିବା ଏବଂ ତଥାପି ହସିବା ତା'ର ଅଭ୍ୟାସରେ ପଡିଗଲାଣି । ପଚାରିଲା, 'ମେଟାମଫୋର୍ସିସ୍' ପଢ଼ିଛୁ ?' ମୁଁ ହଁ କହିଲି । ସାରଦା କହିଲା, 'ମୋ ଜୀବନ ଏବେ ଗ୍ରିଗୋର ସାମ୍ସାର ଜୀବନ । ଦୁଇ ଦୁଇଥର ଅପରେସନ୍ ଏବଂ ଚିରହରିତ୍ ଏ ଯନ୍ତ୍ରଣା ମୋତେ ଗ୍ରିଗୋର୍ ପରି ଏକ ଭିନ୍ନ ଅସ୍ତିତ୍ୱରେ ରୂପାନ୍ତରିତ କରିସାରିଛି । ଅବଶିଷ୍ଟ ଜୀବନଠୁ ଏଇ ୩ବର୍ଷର ଜୀବନ ବାରି ହୋଇପଡିଛି । ଥରେଥରେ ଭାବୁଛି, ଏ ସ୍ଥିତି ବାସ୍ତବ ନୁହେଁ । ଯେମିତି ଗୋଟାଏ ଖରାପ ସ୍ୱପ୍ନ । ପରବର୍ତ୍ତୀ ସମୟରେ ଲାଗୁଛି, ଯେମିତି ଆରମ୍ଭରୁ ଏଇ ସ୍ଥିତି ହିଁ ଏକମାତ୍ର ବାସ୍ତବିକତା । ଜାନ୍ତବ ଅଥଚ ଦୁର୍ବାର ସତ୍ୟ । ଅପ୍ରତିହତ । ଉତ୍ତାନପାଦର ସମୁଦାୟ ଅସ୍ତିତ୍ୱ ।' (ପାଠକମାନେ ଜାଣନ୍ତି ଯେ ୧୯୧୫ରେ ପ୍ରକାଶିତ କାଫ୍କାଙ୍କ ଖୁବ୍ ପ୍ରଭାବଶାଳୀ ଉପନ୍ୟାସ ହେଉଛି 'ମେଟାମଫୋର୍ସିସ୍'

ଯାହା ମୁଖ୍ୟ ଚରିତ୍ର ଗ୍ରିଗୋର ସାମ୍‌ସା') । ମୁଁ କିଛି ଉତ୍ତର ଦେବା ଆଗରୁ ସାରଦା ପୁଣି କହିଲା ଯେ ୩/୪ ଦିନ ତଳେ ଘଣ୍ଟାଏ କାଳ ସେ ଶ୍ଳୋକ ଉଚ୍ଚାରଣ କରୁଥିଲା । ତା'ପରେ ଭାବିଲା, ଏସବୁ କ'ଣ ପାଇଁ ସେ କରୁଛି । ଈଶ୍ୱର ହୁଏତ ଥାଇପାରନ୍ତି, ତେବେ ସୃଷ୍ଟିରେ ଢ଼େର କିଛି ନିରୋଳା ଦୁର୍ଘଟଣା ଭିନ୍ନ ଆଉ ତ କିଛି ନୁହେଁ ! ସେ ପୁଣି କହିଲା, 'ଗ୍ରିଗୋର୍ ଦିନେ ଜାଣିଜାଣି ହାରି ଯାଇଥିଲା । ମୁଁ କିନ୍ତୁ ଏତେ ନିରୀହ ନୁହେଁ' । ମୁଁ କହିଲି, ସବୁ ଠିକ୍ ହୋଇଯିବ । ସାରଦା ହସିଲା । କହିଲା- 'କିଛି ସ୍ଥିର ନୁହେଁ । କର୍କଟ କ୍ରାନ୍ତିର କାଞ୍ଚନିକ ସ୍ଥିତି ବି ନୁହେଁ ।' ଆହୁରି ଥରେ ମୁଁ କହିଲି, 'ଏଥର ସବୁ ଠିକ୍ ହୋଇଯିବ । କର୍କଟକ୍ରାନ୍ତି ମୁମ୍ବାଇଠୁ ଅନେକ ଦୂରରେ । ପୁଣି ମୁମ୍ବାଇରେ କ୍ୟାନ୍‌ସରକୁ ଜିତିଥିବା ମଣିଷଙ୍କ ସଂଖ୍ୟା ବି କମ୍ ନୁହେଁ' । O

(ପ୍ରମେୟ, ତା: ୯.୧୦/୨୦୧୫)



ପାଠକମାନେ ପରୀକ୍ଷା କରି ଦେଖନ୍ତୁ ତାଙ୍କର ପ୍ରବନ୍ଧମାନଙ୍କୁ ଦେଖିବେ, ଗପ ପଢ଼ିବାପରି ଲାଗିବ। ମଝିରେ ମଝିରେ କବିତାର ବିଜୁଳି ମଧ୍ୟ ଝଲସିବ। ଲାଗିବ, ଝଡ଼ ଆସୁଛି, ଲାଗିବ ପ୍ରଳୟ ଆସନ୍ନ, ଏହା ଏକ ଘୂର୍ଣ୍ଣିବାତ୍ୟାର ସୂଚନା..

ନାଟ୍ୟକାର ରମେଶ ପ୍ରସାଦ ପାଣିଗ୍ରାହୀ

ପାଠକୀୟ ଦୃଷ୍ଟିକୋଣରୁ ଶୈଳେନ୍ଦ୍ର ଦ୍ୱିବେଦୀଙ୍କ ରଚନାକୁ ସାହିତ୍ୟର କୌଣସି ନିର୍ଦ୍ଦିଷ୍ଟ ପର୍ଯ୍ୟାୟଭୁକ୍ତ ନକରିବା ଭଲ। କାରଣ ବିଭାଗୀକରଣରେ ତା'ର ମର୍ଯ୍ୟାଦା କ୍ଷୁର୍ଣ୍ଣ ହେବାର ଆଶଙ୍କା ଅଛି। ପ୍ରବନ୍ଧର ଗାମ୍ଭୀର୍ଯ୍ୟପୂର୍ଣ୍ଣ ମନନଶୀଳତା ସହ କଥନଶୈଳୀ, ଚରିତ୍ରାନ୍ୟାସ, ବର୍ଣ୍ଣନାରେ ବ୍ୟଙ୍ଗାତ୍ମକ ବ୍ୟଞ୍ଜନା, କାବ୍ୟଧାରାର ଅନୁପମ ପ୍ରବାହ, ଅର୍ଥବହ ଇଙ୍ଗିତ, ଭାବ ବିନିମୟର ଅନୁପମ ନାଟକୀୟତା- ଏ ସବୁ ରହିଛି ତାଙ୍କ ରଚନାରେ। ଲେଖକୀୟ ଆଚରଣଟି ଯାହା ପ୍ରବନ୍ଧସୁଲଭ। ରଚନାଟିରେ ପାଠକୀୟ ଅନୁପ୍ରବେଶ ଭାଙ୍ଗିଦିଏ ତଥାକଥିତ ଆବରଣ ଓ ଆକାର। ଏହା ଫରାସୀ ଲେଖକ କାମ୍ୟୁ ଓ ଇଂରାଜୀ ରଚନାକାର ଆଲଡସ୍ ହକ୍ସଲେଙ୍କ ଗଦ୍ୟ ରଚନା ସହ ତୁଳନୀୟ ବୋଲି ମୁଁ ମନେକରେ। ତେବେ ଶୈଳେନ୍ଦ୍ରଙ୍କ ରଚନାର ସ୍ୱତନ୍ତ୍ର ଗରିମା ଓ ସୌନ୍ଦର୍ଯ୍ୟବୋଧ ମୌଳିକତା ଦୃଷ୍ଟିକୋଣରୁ ଅତୁଳନୀୟ।

ଆଉ ଗୋଟିଏ କଥା। ଶୈଳେନ୍ଦ୍ରଙ୍କ ରଚନା କୌଣସି ଉଦ୍ଦେଶ୍ୟଭିତ୍ତିକ ନୁହେଁ। କାରଣ ଯେ କୌଣସି ଉଦ୍ଦେଶ୍ୟ ସାହିତ୍ୟର ବିଶାଳତାକୁ ସଂକୁଚିତ କରିପାରେ। ପ୍ରକୃତ ରଚନା ହେଉଛି ଏକ ଦର୍ପଣ ଯେଉଁଥିରେ ସମାଜ ତା' ମୁହଁ ଦେଖେ। ତାଙ୍କର ସମସ୍ତ ରଚନା ହେଉଛି ଏକ ସାମାଜିକ ପ୍ରତିଫଳନ। ଆଶା, ପାଠକମାନେ ଏହାର ମୌଳିକତା କୁ ହୃଦୟରେ ଅନୁଭବ କରିବେ।

...ପ୍ରକାଶ ମହାପାତ୍ର

Non-Fiction
Cover: Prakash Mohapatra
Events Publications.
4555 VSS Nagar,
Bhubaneswar- 751007

₹ 180

ISBN 978-81-908070-1-2
978-81-908070-1-2